

ଯିଏ ମୃତ୍ୟୁ ପର୍ଯ୍ୟନ୍ତ ମଧ କିଛି ଦାନ ନ କରେ ତାହାଠାରୁ ବଳି ହତଭାଗ୍ୟ ଆଉ କେହି ନାହାନ୍ତି।
- ସେକ୍ସପିଅର



## ସଂକ୍ଷେପରେ

### ଅଂଶୁଘାତରେ ବିଦ୍ୟୁତ୍ କର୍ମଚାରୀ ଗୁରୁତର

**ଧର୍ମଶାଳା,୭।୫(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଧର୍ମଶାଳା ବିଦ୍ୟୁତ୍ ଉପଖଣ୍ଡ ଅଧୀନସ୍ଥ କାଏମାଠାରେ କାର୍ଯ୍ୟରତ ଜଣେ କର୍ମଚାରୀ ମଙ୍ଗଳବାର ଅଂଶୁଘାତରେ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଧର୍ମଶାଳା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। କର୍ମଚାରୀ ଜଣଙ୍କ ସ୍ଥାନୀୟ ଭାବିଲ ଗ୍ରାମର ନରହରି ନାୟକ(୪୫)। ସେ ସ୍ଥାନୀୟ ଏକ ଘରୋଇ ବିଦ୍ୟୁତ୍ ମେଣ୍ଟେନ୍ସାସ ଠିକା କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ସେ କାଏମା ନାଉପାଳ ଗ୍ରାମରେ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟୁତ୍ ଖୁଣ୍ଟ ମରାମତି କାର୍ଯ୍ୟ କରୁଥିବାବେଳେ ଅସୁସ୍ଥ ହୋଇ ପଡିଥିଲେ। ତେବେ ପ୍ରାଥମିକ ଚିକିତ୍ସା ପ୍ରତି ନେସ୍କୋ କିମ୍ବା ଠିକା କମ୍ପାନୀ ପକ୍ଷରୁ ଦୃଷ୍ଟି ଦିଆଯାଇ ନ ଥିବା ପରିବାରଲୋକେ କହିଛନ୍ତି।

### ବୁଥ୍ ରିଗିଂ ମାମଲା: ଜଣେ କୋର୍ଟଚାଲାଣ

**ବରୀ,୭।୫(ସ୍ୱ.ପ୍ର.):** ଗତ ୨୯ରେ ହୋଇଥିବା ୪ର୍ଥ ପର୍ଯ୍ୟାୟ ନିର୍ବାଚନରେ ବରୀ ବ୍ଲକ୍‌ରେ କେତେକ ବୁଥ୍‌ରେ ରିଗିଂ ହୋଇଥିବା ନେଇ ଯାଜପୁର ଜିଲାପାଳ ଓ ରାଜ୍ୟ ନିର୍ବାଚନ କମିଶନରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ବରୀ ପୋଲିସ ଅଲ୍ଲୀପୁର ଗ୍ରାମର ଧନଞ୍ଜୟ ସାମଲ (୩୩)ଙ୍କୁ ମଙ୍ଗଳବାର କୋର୍ଟ ଚାଲଣ କରିଛି। ସୂଚନା ଅନୁଯାୟୀ, ବରୀ ବ୍ଲକ୍‌ରେ ୧୨ଟି ବୁଥ୍‌ରେ ଭାଜପା ପକ୍ଷରୁ ରିଗିଂ କରାଯାଇ ଭୋଟ୍ ଗ୍ରହଣ କରାଯାଇଥିବା ନେଇ ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସ ଜିଲାପାଳ ଓ ନିର୍ବାଚନ କମିଶନରଙ୍କ ନିକଟରେ ଗତ ୨୯ ତାରିଖରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ୍ ତଦନ୍ତ ଜାରି ରଖିଥିଲା। ଅଲ୍ଲୀପୁର ଗ୍ରାମର ୧୬୨ ନଂ. ବୁଥ୍‌ରେ ଧନଞ୍ଜୟ ରିଗିଂ କରି ଜବରଦସ୍ତି ଭୋଟ୍ ଗ୍ରହଣ କରିଥିବା ଅଭିଯୋଗରେ କୋର୍ଟଚାଲାଣ ହୋଇଛନ୍ତି ବୋଲି ବରୀ ଥାନାଧିକାରୀ ଚକ୍ରପତି କଅଁର ସୂଚନା ଦେଇଛନ୍ତି।

### ଚଣ୍ଡିଖୋଲ କୋର୍ଟରେ ନୂତନ ସବ୍‌ଜଜ୍‌ଙ୍କ ଦାୟିତ୍ୱ ଗ୍ରହଣ

**ଚଣ୍ଡିଖୋଲ,୭।୫(ଡି.ଏନ.ଏ.):** ଚଣ୍ଡିଖୋଲସ୍ଥିତ ସିଭିଲ ଜଜ୍ (ସିନିୟର ଡିଭିଜନ) ତଥା ଅତିରିକ୍ତ ଦୌରାଜଜ ଭାବେ ବିଷ୍ଣୁ ପ୍ରସାଦ ମିଶ୍ର ସୋମବାର ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବାର୍ ଆସୋସିଏଶନ ସଭାପତି ଜନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ କୋର୍ଟର ଜେଏମଏଫସି ନେହା ଅଗ୍ରୱାଲ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ପାଦକ ଉଦୟନାଥ ସାହୁ ସ୍ୱାଗତ ଭାଷଣ ଦେଇଥିଲେ।

### ବାତ୍ୟା କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସାହାଯ୍ୟ ପ୍ରଦାନ ଦାବି

**ଧର୍ମଶାଳା,୭।୫(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକରେ ଫନୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଅନେକ ପଞ୍ଚାୟତରେ ଗରିବ ଶ୍ରେଣୀର ଲୋକଙ୍କ ଘର ଭାଙ୍ଗି ଯାଇଛି। ମୁଣ୍ଡ ଗୁଞ୍ଜିବା ପାଇଁ ବାସ ନାହିଁ କି ଖାଦ୍ୟ ଓ ପାନୀୟ ଜଳ ନାହିଁ। ବାତ୍ୟାର ୫ ଦିନ ପରେ ମଧ ପ୍ରଶାସନ ସବୁ ଜାଗାରେ ଏଯାବତ୍ ପହଞ୍ଚି ପାରି ନାହିଁ। ୭୦ଭାଗରୁ ଅଧିକ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ସାଧାରଣଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ ସ୍ଥାନୀୟ ପ୍ରଶାସନ ସ୍ଥାଣୁ ପାଲଟିଥିବା ଭାଜପା ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡା ମଙ୍ଗଳବାର ଜାରକାଠାରେ ଏକ ପ୍ରେସ୍ ବିବୃତିରେ କହିଛନ୍ତି। ଏଥସହ ପ୍ରସାଶନ ପକ୍ଷରୁ ବ୍ଲକ ଅଞ୍ଚଳରେ ଦଳୀୟ ଭିତ୍ତିରେ ପଲିଥିନ ବଣ୍ଟନ କରାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇଦେବା ପାଇଁ ପ୍ରଶାସନ ନିକଟରେ ସେ ଦାବି କରିଛନ୍ତି। ଜିଲା ଓ ବ୍ଲକ ପ୍ରଶାସନ ବାତ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ ବିଦ୍ୟୁତ୍ ସଂଯୋଗ ଓ ବିଶୁଦ୍ଧ ପାଣି ତୁରନ୍ତ ଯୋଗାଇ ନ ଦେଲେ ଭାଜପା ପକ୍ଷରୁ ବ୍ଲକ ଘେରାଉ କରାଯିବ ପରିଡା ଚେତାବନୀ ଦେଇଛନ୍ତି। ଗଙ୍ଗାଧରପୁର ପଞ୍ଚାୟତରେ ପଲିଥିନ ବଣ୍ଟନରେ ଶାସକ ଦଳର ନେତା ପାତରଅନ୍ତର କରିଥିବା ମଧ ସେ ଦର୍ଶାଇଛନ୍ତି।

## ବାତ୍ୟା ଦୁର୍ଗତଙ୍କ ସରୁନି ଦୁର୍ଦ୍ଦଶା

# ୨୧.୯୨ ଲକ୍ଷ ଲୋକ ପ୍ରଭାବିତ

**ଯାଜପୁର ଅଫିସ,୭।୫**

ସମଗ୍ର ଯାଜପୁର ଜିଲା ବାତ୍ୟା ଫନୀ ବିପ୍ରାତର ଶିକାର ହୋଇଛି। ଦୀର୍ଘ ୨୦ବର୍ଷ ପରେ ଜିଲାର ୩୧୧ପଞ୍ଚାୟତର ୧,୮୬୫ ଗ୍ରାମ ଓ ୨ଟି ପୌରାଞ୍ଚଳର ୪୪ଟି ୱାର୍ଡର ୨୧,୯୨,୬୩୦ ଲୋକ ପ୍ରଭାବିତ ହୋଇଛନ୍ତି ବୋଲି ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଗତ ୩ ତାରିଖ ଅପରାହ୍ନ ୧ଟାରୁ ପ୍ରବଳ ବର୍ଷା ସହ ତୁମ୍ଫିତୋଫାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ହେଲେ ଜିଲା ପ୍ରଶାସନ ଆବଶ୍ୟକ ପାଲ ଓ ରିଲିଫ ଯୋଗାଇବାରେ ବିଫଳ ହୋଇଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ମଙ୍ଗଳବାର ବଡ଼ଚଣା ବ୍ଲକ ଧାନମଣ୍ଡଳ ପଞ୍ଚାୟତର ବାତ୍ୟା ପୀଡ଼ିତଙ୍କୁ କୌଣସି ସାହାଯ୍ୟ ନ ମିଳିବାରୁ ଦର୍ପଣ ତହସିଲ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିବା ଭଳି ଘଟଣା ଦେଖିବାକୁ ମିଳିଛି। ସମ୍ପୃକ୍ତ ରାଜସ୍ୱ ନୀରିକ୍ଷକ ଘରକୁ ଘର ବୁଲି ବାତ୍ୟା ବିପନ୍ନଙ୍କ ଅବସ୍ଥା ଦେଖି ରିପୋର୍ଟ ଦେବାକୁ ଜିଲାପାଳ ରଞ୍ଜନ କୁମାର ଦାସ ନିର୍ଦ୍ଦେଶ ଦେଇଥିଲେ ବି କିଛି ସୁଫଳ ନ ମଳିବାରୁ ପ୍ରଭାବିତ ଲୋକେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଅପରପକ୍ଷେ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ନିର୍ଦ୍ଦେଶ ଦେଇଛନ୍ତି।

ବାତ୍ୟା ଫନି ପ୍ରଭାବରେ ଜିଲାର ୯୬,୧୫୬ଲୋକଙ୍କୁ ଉଦ୍ଧାର କରାଯାଇ ୬୨୫ ଆଶ୍ରୟସ୍ଥଳରେ ରଖାଯାଇଥିଲା। ବାତ୍ୟାରେ ୪ ଜଣ ଲୋକଙ୍କ ଉପରେ ଗଛ ପଡ଼ିବାରୁ ସେମାନଙ୍କ ମୃତ୍ୟୁ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କହାଯାଉଛି। ହେଲେ ଜେନାପୁର ଓ କୋରେଇରେ ମଧ ଅନ୍ୟ ୨ଜଣ ବ୍ୟକ୍ତିଙ୍କ ଫନୀ ଯୋଗୁ ମୃତ୍ୟୁ ହୋଇଥିବା ଚର୍ଚ୍ଚା ହେଉଛି। ଏଥିସହ ୭୨ ଲୋକ ଆହତ ହୋଇଛନ୍ତି। ଜିଲାର ୯,୦୧,୮୧୬ ପଶୁ ସମ୍ପଦ ପ୍ରଭାବିତ ହୋଇଥିବାବେଳେ ୬,୮୪୩ ପଶୁପକ୍ଷୀଙ୍କ ମୃତ୍ୟୁ ହୋଇଛି। ଏଥିରେ ୧୨ଟି ଗାଈଗୋରୁ ଓ ୮ଟି ଛେଳିମେଣ୍ଢାଙ୍କ ମୃତ୍ୟୁ ହୋଇଛି। ସେହିପରି ୬,୮୨୩ କୁକୁଡ଼ାଙ୍କ ମୃତ୍ୟୁ ହୋଇଥିବା ଆକଳନ କରାଯାଇଛି। ୧୬,୨୨୮ ହେକ୍ଟର ଫସଲ ନଷ୍ଟ ହୋଇଥିବାବେଳେ ପ୍ରାୟ ୪୩,୫୭୮ ଘର କ୍ଷତିଗ୍ରସ୍ତ ହୋଇଛି। କ୍ଷତିଗ୍ରସ୍ତ ପରିବାରବର୍ଗଙ୍କୁ ରାଜସ୍ୱ ନୀରିକ୍ଷକଙ୍କ ତଦନ୍ତ ଆଧାରରେ ପଲିଥିନ ବଣ୍ଟନର ବ୍ୟବସ୍ଥା କରାଯାଇଛି। କ୍ଷତିଗ୍ରସ୍ତ ହୋଇଥିବା ଘର ମଧ୍ୟରେ ୩,୨୧୦ଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ପ୍ରଭାବିତ ଲୋକଙ୍କୁ ୫୪,୬୨୪ କୁଇଣ୍ଟାଲ ଚାଉଳ ୩ଦିନ ପାଇଁ ପ୍ରଦାନ କରାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି। ନିଜେ ଜିଲାପାଳ ଦାସ ବାତ୍ୟା କ୍ଷତିଗ୍ରସ୍ତ ଓ ରିଲିଫ ବ୍ୟବସ୍ଥାର ତଦାରଖ କରୁଛନ୍ତି।

**ଯାଜପୁର ଜିଲା**
- ୧୬,୨୨୮ ହେକ୍ଟର ଫସଲ ନଷ୍ଟ
- ୨୪ କୋଟି ଟଙ୍କାର ବିଦ୍ୟୁତ ସାମଗ୍ରୀ ନଷ୍ଟ
- ୪୩,୫୭୮ ଘର କ୍ଷତିଗ୍ରସ୍ତ
- ଅନ୍ଧାରରେ ୩୦ ପ୍ରତିଶତ ଅଞ୍ଚଳ



### ବିଜୁଳି ବ୍ୟବସ୍ଥା ବେହାଲ

ବାତ୍ୟା ଫନୀରେ ଜିଲାର ବିଦ୍ୟୁତ୍ ସରବରାହ ବ୍ୟାପକ ଭାବେ ବାଧାପ୍ରାପ୍ତ ହୋଇଛି। ବାତ୍ୟାକୁ ୪ ଦିନ ବିତିଯାଇଥିଲେ ସୁଦ୍ଧା ଏଯାଏ ଜିଲାର ୩୦ ପ୍ରତିଶତ ଅଞ୍ଚଳକୁ ବିଦ୍ୟୁତ ଯୋଗାଣ ହୋଇପାରି ନ ଥିବା ଜଣାପଡ଼ିଛି। ଧର୍ମଶାଳା, ବରୀ, ଦଶରଥପୁର ଓ ବିଞ୍ଝାରପୁର ଅଞ୍ଚଳରେ ବିଦ୍ୟୁତ ପହଞ୍ଚି ପାରି ନାହିଁ। ଫଳରେ ଉକ୍ତ ଅଞ୍ଚଳର ଲୋକମାନେ ଅନ୍ଧାରରେ ରହିବା ସହ ପ୍ରବଳ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇପଡୁଥିବା ଦେଖିବାକୁ ମିଳୁଛି। ନେସ୍କୋ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ନିର୍ମଳ ଦାସଙ୍କ ସୂଚନା ଅନୁସାରେ ଜିଲାରେ ୨ ଲକ୍ଷ ୮୦ ହଜାର ଉପଭୋକ୍ତା ରହିଛନ୍ତି। ସେମାନଙ୍କ ମଧ୍ୟରୁ ୨ଲକ୍ଷ ୩୦ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ ସଂଯୋଗ ଦିଆଯାଇ ସାରିଛି। ବାତ୍ୟାରେ ୩ହଜାର ଖୁଣ୍ଟ ଓ ୨୦୦ ଟ୍ରାନ୍ସଫର୍ମର କ୍ଷତିଗ୍ରସ୍ତ ହୋଇଛି। ସମୁଦାୟ ୨୪କୋଟି ଟଙ୍କାର ବିଦ୍ୟୁତ ସାମଗ୍ରୀ ନଷ୍ଟ ହୋଇଛି। ଏହାକୁ ସଜାଡିବାକୁ ୩୫ଜଣ ଠିକାଦାରଙ୍କୁ ନିୟୋଜିତ କରାଯାଇଛି। ଆସନ୍ତା ୨/୩ ଦିନ ମଧ୍ୟରେ ଜିଲାର ସମସ୍ତ ଅଞ୍ଚଳକୁ ବିଦ୍ୟୁତ ସରାବରାହ ସ୍ୱାଭାବିକ ହୋଇଯିବ ବୋଲି ସୁପରିଣ୍ଟେଣ୍ଡେଣ୍ଟ ଦାସ ପ୍ରକାଶ କରିଛନ୍ତି।

### ଅକ୍ଷୟତୃତୀୟା ପାଳିତ

**ଯାଜପୁର ରୋଡ,୭।୫(ନି.ପ୍ର.)**

କୋରେଇ ବ୍ଲକ କୃଷି ସୂଚନା କେନ୍ଦ୍ରରେ ମଙ୍ଗଳବାର ଅକ୍ଷୟତୃତୀୟା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ସହକାରୀ କୃଷି ଅଧିକାରୀ ଶରତ ଚନ୍ଦ୍ର ନାୟକ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶସ୍ୟ ସରଂକ୍ଷଣ ଅଧିକାରୀ ସେତୟ ଦାଶ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଧ୍ରୁବଚରଣ ପଣ୍ଡା, ପଶୁ ସମ୍ପଦ ଅଧିକାରୀ ବସନ୍ତ ବେହେରା, ସହକାରୀ ମତ୍ସ୍ୟ ସଂରକ୍ଷଣ ଅଧିକାରୀ ଗାୟତ୍ରୀ ନାୟକ ଓ ଉଦ୍ୟାନ ସମ୍ପ୍ରସାରଣ ଅଧିକାରୀ ନାରଣ କୁମାର ହେମ୍ବ୍ରମ ପ୍ରମୁଖ ଯୋଗଦେଇ ବିଭିନ୍ନ ଚାଷ ପ୍ରଣାଳୀ ଓ କୃଷି ସରଂକ୍ଷଣ ଉପରେ କୃଷକଙ୍କୁ ବୁଝାଇଥିଲେ। କିନ୍ତୁ ଉଦ୍ୟାନ ବିଭାଗ ପକ୍ଷରୁ ସହାୟତା ରାଶି ଯୋଗାଇ ଦିଆଯାଇ ନ ଥିବାରୁ କୃଷକ ଏ ସମ୍ପର୍କରେ ହୋହଲ୍ଲା କରିଥିଲେ। ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଚାଷୀ ବର୍ଷ ବର୍ଷ ଧରି ଆମ୍ବ ଓ ଅନ୍ୟାନ୍ୟ ଫଳ ଚାଷ କରୁଛନ୍ତି। କିନ୍ତୁ ଉଦ୍ୟାନ ବିଭାଗ ପକ୍ଷରୁ ସେମାନଙ୍କୁ ପ୍ରୋତ୍ସାହନ ରାଶି ଓ ସାର ମଧ ଯୋଗାଇ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଫଳ ଚାଷୀ ଗୋକୁଳ ଦାଶ କୁହନ୍ତି, ୪ ବର୍ଷ ହେବ ୨୦୦ ଆମ୍ବ ଗଛ ଲଗାଇଛନ୍ତି। ଉଦ୍ୟାନ ବିଭାଗ ପକ୍ଷରୁ କୌଣସି ପ୍ରୋତ୍ସାହନ ଦିଆଯାଇନାହିଁ। ଏହାକୁ ନେଇ ହଟଗୋଳ ହେବାରୁ ଅଧାରୁ ବୈଠକ ଭାଙ୍ଗିଯାଇଥିଲା। ଏଥିରେ ଶତାଧିକ କୃଷକ ଯୋଗଦେଇଥିଲେ।

### ବେଆଇନ ବାଲି ଚାଲାଣ ଟ୍ରାକ୍ଟର ଜବତ

**ରସୁଲପୁର,୭।୫(ଡି.ଏନ୍.ଏ.)**



ରସୁଲପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀ ଘାଟରୁ ବେଆଇନ ବାଲି ଚାଲାଣ ହେଉଥିବା ଦୁଇଟି ଟ୍ରାକ୍ଟରକୁ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଓ ସୁପରଭାଇଜର ମହେଶ୍ୱର ସେଠୀ ଜବତ କରିଛନ୍ତି। ଟ୍ରାକ୍ଟର ଦୁଇଟିକୁ ତହସିଲ କାର୍ଯ୍ୟାଳୟ ପରିସରରେ ରଖାଯାଇଛି। ଟ୍ରାକ୍ଟର ମାଲିକଙ୍କୁ ନୋଟିସ କରାଯାଇଛି। ବୁଧବାର ଟ୍ରାକ୍ଟର କାଗଜପତ୍ର ଯାଞ୍ଚ କରାଯିବ। ବାଲି ପରିବହନ ନେଇ ଅନୁମତିପତ୍ର ଅଛି କି ନାହିଁ ଯାଞ୍ଚ କରାଯିବା ପରେ ଜରିମାନା ଲାଗୁ କରାଯିବ ବୋଲି ତହସିଲଦାର ଭୁଜବଳ ପ୍ରକାଶ କରିଛନ୍ତି।

ପ୍ରାପ୍ତ ସୂଚନାରୁ ଜଣାଯାଏ ତହସିଲଦାର ମଙ୍ଗଳବାର ଅପରାହ୍ନରେ ବ୍ରହ୍ମବରଦା ଅଞ୍ଚଳକୁ ପରିଦର୍ଶନରେ ଆସିଥିଲେ। ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିଦର୍ଶନ କରି ଫନୀର ତଦନ୍ତ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ଫେରୁଥିଲେ। ବାଟରେ ବାଲି ବୋଝେଇ ଟ୍ରାକ୍ଟର ଯାଉଥିବା ଦେଖି ବ୍ରହ୍ମବରଦା ନିକଟସ୍ଥ ପୋଲ ନିକଟରେ ଟ୍ରାକ୍ଟରକୁ ଅଟକାଇ ଯାଞ୍ଚ କରିଥିଲେ। ବାଲି ଉଠାଣ ସମ୍ପର୍କରେ ଚାଳକଙ୍କୁ ପଚାରି ବୁଝିବାରୁ ସେମାନେ ଚାନ୍ଦପୁର ଘାଟରୁ ବାଲି ଉଠାଇଥିଲେ ବୋଲି ପ୍ରକାଶ କରିଥିଲେ। ଏହି ଘାଟ ବେଆଇନ ବାଲିଘାଟ ହୋଇଥିବାରୁ ବାଲି ବୋଝେଇ ଟ୍ରାକ୍ଟରକୁ ନିଜ କବ୍‌ଜାକୁ ଆଣି ତଦନ୍ତ ଚଳାଇଛନ୍ତି।

### ବିରିମଣ୍ଡି ଖୋଲିବା ନେଇ ଜିଲାପାଳଙ୍କୁ ଦାବି

**ବରୀ,୭।୫(ସ୍ୱ.ପ୍ର.)**

ବରୀ ବ୍ଲକ୍ ଅଧୀନ ଧାରପୁର କୃଷି ସେବା ସମବାୟ ସମିତିରେ ବିରି, ମୁଗ ମଣ୍ଡି ଖୋଲିବା ପାଇଁ ମଙ୍ଗଳବାର ଶତାଧିକ ଚାଷୀ ଯାଜପୁର ଜିଲାପାଳଙ୍କୁ ଲିଖିତ ଅଭିଯୋଗ ମାଧ୍ୟମରେ ଦାବି ଜଣାଇଛନ୍ତି। ଚାଷୀ ଅନନ୍ତ ଚରଣ ଭୂୟାଁ, ପବିତ୍ର କୁମାର ଜେନା, ଉମାକାନ୍ତ ଜେନା, ଶମ୍ଭୁନାଥ ପରିଡ଼ା, ପ୍ରଫୁଲ୍ଲ କୁମାର ଜେନା ପ୍ରମୁଖ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଥିବା କହିଛନ୍ତି। ଖୁବ୍‌ଶୀଘ୍ର ମଣ୍ଡି ଖୋଲାଯିବ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଧାରପୁର ସେବା ସମବାୟ ସମିତି ଅଧୀନରେ ଉକ୍ତ ଅଞ୍ଚଳର ଶତାଧିକ ଚାଷୀ ବିରି, ମୁଗ ଅମଳ କରିଥାନ୍ତି। ଚଳିତ ବର୍ଷ ଏହି ଅଞ୍ଚଳରେ ଭଲ ବିରି, ମୁଗ ଅମଳ ହୋଇଥିବାରୁ ଏହି ସମିତି ଅଧୀନରେ ଚାଷୀ କ୍ରୟ କରିବାକୁ ଚାହୁଁଛନ୍ତି। କିନ୍ତୁ ଅଦ୍ୟାବଧି ମଣ୍ଡି ଖୋଲା ଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ବଡ଼ଚଣାରେ ପ୍ରଶାସନିକ ଅବହେଳା

## ୫ ଦିନ ପରେ ବି ସହାୟତାରୁ ବଞ୍ଚିତ ଲୋକେ

**ଚଣ୍ଡିଖୋଲ,୭।୫(ଡି.ଏନ.ଏ)**

**'ଫନୀ' ପ୍ରଭାବ**

ପ୍ରଶାସନିକ ଅବହେଳା ଯୋଗୁ ୫ ଦିନ ପରେ ବି ବଡ଼ଚଣାରେ ବିପନ୍ନଙ୍କ ଅବସ୍ଥା ସୁଧୁରିବା ପରିବର୍ତ୍ତେ ଜଟିଳ ହୋଇପଡିଥିବା ଜଣାପଡ଼ିଛି। ବିଭାଗୀୟ କର୍ମଚାରୀ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ସହାୟତାରେ ବିଦ୍ୟୁତ୍ ଲାଇନକୁ ସୁଧାରିବା ପାଇଁ ଉଦ୍ୟମ କରୁଥିଲାବେଳେ ବଡ଼ଚଣା ବିଦ୍ୟୁତ୍ ଉପଖଣ୍ଡକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ବିଜୁଳି ନ ଥିବାରୁ ଲୋକେ ପାନୀୟ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ବଡ଼ଚଣା ବ୍ଲକ ଅଞ୍ଚଳରେ କେଉଁ ନୋଡାଲ ଅଫିସର ସମସ୍ୟା ନିରାକରଣ ପାଇଁ କାମ କରୁଛନ୍ତି, ତାହା ସାଧାରଣରେ ଜଣାନାହିଁ। ସୋମବାର ସକାଳ ୧୧ଟା ସୁଦ୍ଧା ବିଡିଓ ଅଫିସକୁ ଆସି ନ ଥିବାବେଳେ ଜନ ପ୍ରତିନିଧି ବିଡିଓଙ୍କୁ ଅପେକ୍ଷା କରି ଅଫିସ ଗୃହରେ ବସି ରହିଥିବା ଦେଖିବାକୁ ମିଳିଥିଲା। ଅତିରିକ୍ତ ବିଡିଓଙ୍କ କୋଠରିରେ ଯୋଗାଣ ଅଧିକାରୀ ରିଲିଫ ଚାଉଳ ଯୋଗାଇବା ପାଇଁ କାଗଜପତ୍ର ପ୍ରସ୍ତୁତ କରୁଥିଲେ। ଗତ ୨୦୧୧ ଜନଗଣନାକୁ ଆଧାର କରି ତା' ସହ ଶତକଡା ୧୨ଭାଗ ସଂଯୋଗ କରାଯାଇ ସେତିକି ଲୋକସଂଖ୍ୟା ଅନୁସାରେ ୩ ଦିନ ପାଇଁ ରିଲଫ ଚାଉଳ ଦେବାକଥା ସେ ସ୍ୱୀକାର କରିଥିଲେ। ସେହିପରି ନୂଆହାଟ କଲେଜରେ ଆଶ୍ରୟ ନେଇଥିବା ଲୋକଙ୍କୁ କୌଣସି ସହାୟତା କିମ୍ବା ପଲିଥିନ ମିଳି ନ ଥିବା ଅଭିଯୋଗ ହୋଇଛି। ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବା ନେଇ ଯେଉଁ ସୂଚନା ଦିଆଯାଇଥିଲା, ତାହା କାର୍ଯ୍ୟକାରୀ ହୋଇ ନ ଥିବା ଅଭିଯୋଗ ହୋଇଛି। ଗତ ୨ ଦିନ ହେବ ବିପନ୍ନମାନେ ସାହାଯ୍ୟ ପାଇ ନ ଥିବା ତହସିଲଦାରଙ୍କୁ ଅଭିଯୋଗ କରିଥିବା କଥାକୁ ତହସିଲଦାର ଅଶୋକ କୁମାର ଦାସ ସ୍ୱୀକାର କରିଛନ୍ତି। ଏହି ଅବସରରେ ବଡ଼ଚଣାକୁ ୩ ଦିନ ପାଇଁ ୭ ହଜାର ୯୩ କୁଇଣ୍ଟାଲ ଚାଉଳ ରିଲିଫ ଆସିଥିବା ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରି ସ୍ୱୀକାର କରିଛନ୍ତି। ୮ ତାରିଖରେ ଏହି ଚାଉଳ ବଣ୍ଟନ କରାଯିବ ବୋଲି ସେ କହିଛନ୍ତି।

### ବାତ୍ୟାରେ ବିଦ୍ୟାଳୟ ଆଜ୍‌ବେଷ୍ଟସ ପଡ଼ି ବୃଦ୍ଧ ଗୁରୁତର

## ସରକାରୀ ସହାୟତା ଦାବି କଲେ ଗ୍ରାମବାସୀ

**ଦଶରଥପୁର,୭।୫(ଡି.ଏନ୍.ଏ.)**

ବାତ୍ୟା ଯୋଗୁ ବିଦ୍ୟାଳୟରେ ଆଶ୍ରୟ ନେଇଥିବା ଜଣେ ବୃଦ୍ଧଙ୍କ ଉପରେ ଶୁକ୍ରବାର ଆଜ୍‌ବେଷ୍ଟସ ପଡିଯିବାରୁ ସେ ଗୁରୁତର ହୋଇଥିଲେ। ସେ ହେଲେ ଦଶରଥପୁର ବ୍ଲକ୍ ନନ୍ଦିପୁର ପଞ୍ଚାୟତ ପାଟଣାସାହିର ସୁଦର୍ଶଦ ଯେନା (୬୦)। ବାତ୍ୟା ସମୟରେ ସୁଦର୍ଶନ ନିକଟସ୍ଥ ଆଶାଲତା ବାଳିକା ଉଚ୍ଚ ବିଦ୍ୟାଳୟରେ ଆଶ୍ରୟ ନେଇଥିଲେ। ହଠାତ୍ ଉକ୍ତ ବିଦ୍ୟାଳୟର ଆଜ୍‌ବେଷ୍ଟସ ଉଡିଯାଇ ସୁଦର୍ଶନଙ୍କ ଉପରେ ପଡ଼ିବାରୁ ତାଙ୍କ ଅଣ୍ଟାରେ ଗଭୀର ଆଘାତ ଲାଗିଥିଲା। ପରିବାର ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅଧିକ ଚିକିତ୍ସାର ଆବଶ୍ୟକତା ଥିବାବେଳେ ଡାକ୍ତର କଟକ ନେବାକୁ ପରାମର୍ଶ ଦେଇଥିବାବେଳେ ଅର୍ଥଭାବରୁ ପରିବାର ଲୋକେ ତାଙ୍କୁ ଘରକୁ ନେଇଆସିଥିଲେ। ସୁଦର୍ଶନ ଜଣେ ଗରିବ ଦଳିତ ଶ୍ରେଣୀର ହୋଇଥିବାବେଳେ ପୂରା ପରିବାର ତାଙ୍କ ଉପରେ ନିର୍ଭର କରିଥାଏ। ବାତ୍ୟାକୁ ୫ ଦିନ ବିତିଯାଇଥିଲେ ମଧ ସୁଦର୍ଶନ ସରକାରୀ ସହାୟତାରୁ ବଞ୍ଚିତ ହୋଇଛନ୍ତି। ସୁଦର୍ଶନଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦଶରଥପୁର ବିଡିଓ ଏବଂ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

### ବାଇକ୍ ଲୁଟେରାଙ୍କୁ ପୋଲିସ ଜିମାଦେଲେ ଗ୍ରାମବାସୀ

**ଡୁବୁରୀ,୭।୫(ଡି.ଏନ୍.ଏ.)**

କଳିଙ୍ଗନଗର ଥାନା ଅନ୍ତର୍ଗତ ଡୁବୁରୀ କପିଳେଶ୍ୱର ମନ୍ଦିର ନିକଟରୁ ଏକ ବାଇକ ଲୁଟ୍ କରି ଫେରାର ହୋଇଯାଉଥିବା ଜଣେ ଯୁବକଙ୍କୁ ସୋମବାର ଗ୍ରାମବାସୀ କାବୁ କରି ପୋଲିସ ଜିମା ଦେଇଥିଲେ। ଯୁବକ ଜଣଙ୍କ କଳିଙ୍ଗନଗର ଥାନା ଅନ୍ତର୍ଗତ ମଣ୍ଡ ଗ୍ରାମର ଟୁକୁନା ନାୟକ। ତେବେ ବର୍ତ୍ତମାନ ସୁଦ୍ଧା ପୋଲିସ ଟୁକୁନାଙ୍କୁ କୋର୍ଟ ଚାଲାଣ ନ କରି ଥାନାରେ ଅଟକ ରଖିବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଯେ, ଡୁବୁରୀ ଗ୍ରାମର ମଳୟ ସାହୁ ସୋମବାର ଅପରାହ୍ନରେ କପିଳେଶ୍ୱର ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ବାଇକ ରଖି ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଟୁକୁନା ଉକ୍ତ ବାଇକ୍‌କୁ ଚୋରାଇ ନେଇଥିଲେ। ବିବାହ ଉତ୍ସବରୁ ଫେରିବା ପରେ ମଳୟ ବାଇକ ରଖିଥିବା ସ୍ଥାନରେ ନ ପାଇ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ପରେ ମନ୍ଦିରରେ ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲେ। ସିସିଟିଭିରେ ଟୁକୁନା ବାଇକ୍‌କୁ ନେଇଯାଉ ଥିବା ଦେଖିଥିଲେ। ତେବେ ଟୁକୁନା ବାଇକ ନେଇ ମୁଖ୍ୟ ରାସ୍ତାକୁ ଉଠିବା ପରେ ବାଇକ୍‌ରୁ ତେଲ ସରିଯାଇଥିଲା। ତେଣୁ ସେ ଗାଡିକୁ ଗଡାଇ ଗଡାଇ ଡୁବୁରୀ ଛକସ୍ଥିତ ଏକ ପେଟ୍ରୋଲ ପମ୍ପକୁ ଯିବା ସମୟରେ ତାଙ୍କୁ ପିଛାକରି ଗ୍ରାମବାସୀ କାବୁ କରିଥିଲେ।

### ବାତ୍ୟାରେ କ୍ଷତିଗ୍ରସ୍ତ ଝୁମ୍ପାଣ ଗ୍ରାମବାସୀ

**ଯାଜପୁରରୋଡ,୭।୫(ନି.ପ୍ର.)**

ସାମୁଦ୍ରିକ ବାତ୍ୟା 'ଫନୀ' ପ୍ରଭାବରେ କୋରେଇ ବ୍ଲକ ଅନ୍ତର୍ଗତ ତଳଗଡ଼ ପଞ୍ଚାୟତର ଝୁମ୍ପାଣ ଗ୍ରାମବାସୀ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି। ଅନେକ ଘର ଦ୍ୱାର ଭାଙ୍ଗିଯାଇଛି। ଏହି ଗ୍ରାମର ମଧୁସୂଦନ ପାତ୍ରଙ୍କ ଟିଣ ଘର ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହ ଫୁଲ ଓ ପନିପରିବା ନଷ୍ଟ ହୋଇଯାଇଛି। ଏ ସମ୍ପର୍କରେ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ ମଧ ଉକ୍ତ ଗ୍ରାମକୁ କେହି ଯାଉ ନ ଥିବା ଅଭିଯୋଗ ହୋଇଛି। ଏହିପରିଭାବେ ସେହି ଗ୍ରାମରେ ୫ ଜଣଙ୍କ ଘର ଭାଙ୍ଗିଯାଇଛି। ତାହାରପୁର ଗ୍ରାମରେ ମଧ ବଲ୍ଲବ ବାରିକଙ୍କ ଛଣ ଛପର ଉଡ଼ିଯାଇଛି। ତହସିଲ ପକ୍ଷରୁ ଏପର୍ଯ୍ୟନ୍ତ ସହାୟତା ମିଳି ନ ଥିବା ଜଣାପଡ଼ିଛି।

### ଖଇମୁଠି ବୁଣିଲେ କୃଷକ ନେତା

**ଧର୍ମଶାଳା, ୭।୫ (ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ଅଧୀନ ନରସିଂହପୁରଠାରେ ମଙ୍ଗଳବାର ପବିତ୍ର ଅକ୍ଷୟତୃତୀୟା ଅବସରରେ ଧର୍ମଶାଳା କଂଗ୍ରେସ ପକ୍ଷରୁ ବିଲରେ ଅଖିମୁଠି ବୁଣାଯାଇଥିଲା। କୃଷକ ନେତା ବସନ୍ତ ପରିଡାଙ୍କ ନେତୃତ୍ୱରେ ଅକ୍ଷୟତୃତୀୟା ପାଳନ କରାଯାଇଥିଲା। ଧର୍ମଶାଳା ପଞ୍ଚାୟତ ସମିତି ଅଧକ୍ଷ କିଷାନ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଖିମୁଠି ଶୁଭାରମ୍ଭ କରିଥିଲେ। ୧୪ନଂ ଜୋନ୍ ସଭାପତି ସୁଧାକର ରାଉତ, ୧୩ନଂ ଜୋନ୍ ସଭାପତି ପ୍ରଫୁଲ୍ଲ କୁମାର ରାୟ, ଯୁବନେତା ଅଖିଳ କୁମାର ସ୍ୱାଇଁ, ବରିଷ୍ଠ କୃଷକ ସନାତନ ମଳିକ, ବଟକୃଷ୍ଣ ମଳିକ, ନୀଳମଣି ପ୍ରଧାନ, ଭରତ ପରିଡା, ଲକ୍ଷ୍ମୀଧର ରାଉତ, ବୁକୁଆଲାମ୍, ଗଗନ ବିହାରୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଧର୍ମଶାଳା ପଞ୍ଚାୟତ ସମିତି ଅଧକ୍ଷ କିଷାନ ପଣ୍ଡା ଅଖିମୁଠି ବୁଣୁଛନ୍ତି।

## ୭ମ ବାର୍ଷିକ ମା' ମଙ୍ଗଳା ଯଜ୍ଞୋତ୍ସବ

**ରସୁଲପୁର,୭।୫(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଭିକିପୁର ଗ୍ରାମରେ ମଙ୍ଗଳବାର ମା' ମଙ୍ଗଳାଙ୍କ ୭ମ ବାର୍ଷିକ ଯଜ୍ଞୋତ୍ସବ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମା'ଙ୍କ ଷୋଡ଼ଶ ଉପଚାର ପୂଜା ସହ ପାରମ୍ପରିକ ରୀତିନୀତି ଅନୁଯାୟୀ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଛି। ଯାଜ୍ଞିକ ପଣ୍ଡିତ ରାଜକିଶୋର ରଥଶର୍ମାଙ୍କ ନେତୃତ୍ୱରେ ବିଦ୍ୱାନ ପଣ୍ଡିତଗଣଙ୍କୁ ନେଇ ଘଣ୍ଟ ବାଦ୍ୟ, ହୁଳହୁଳି ଏବଂ ଭଜନ ସଂକୀର୍ତ୍ତନ ତାଳେ ତାଳେ ୧୦୮ କଳସ ଧରି ଗ୍ରାମ ପରିକ୍ରମା କରିଥିଲେ। ମହିଳାମାନେ ଭିକିପୁର ଗ୍ରାମର ମା' ମଙ୍ଗଳା ମନ୍ଦିରରୁ ବାହାରି ବାଲିଆପଶି, ଛୋଟରାୟପୁର, ଭିକିପୁର ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚି ଥିଲେ। ଏସବୁ ଗ୍ରାମର ଆରାଧ୍ୟା ଦେବୀ ଗ୍ରାମଦେବତୀ ମା' ଚଣ୍ଡୀଙ୍କ ପୀଠରେ ମା'ଙ୍କୁ ପ୍ରଣିପାତ ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ତ୍ରି-ଦିବସୀୟ ଏହି ଯଜ୍ଞୋତ୍ସବ ସୋମବାରଠାରୁ ଅଙ୍କୁରାରୋପଣ ଆରମ୍ଭ ହୋଇଥିଲା। କଳସ ଶୋଭାଯାତ୍ରାଠାରୁ ଆରମ୍ଭ କରି ସୂର୍ଯ୍ୟପୂଜା, ଗୋ-ପୂଜା, ଯଜ୍ଞାରମ୍ଭ, ଚଣ୍ଡୀପାଠ, ବେଦପାଠ, ପୂର୍ଣ୍ଣାହୂତି ଆଦି କାର୍ଯ୍ୟକୁ ମୁଖ୍ୟ ପୁରୋଧା ଜଳଧର ଜେନା, ସହ ପୁରୋଧା ଚକ୍ରଧର ପାଢୀ, ସନାତନ ଜେନା, ଶରତ ଚନ୍ଦ୍ର ବିଶ୍ୱାଳ, ନଟବର ଜେନା, ପରିକ୍ଷୀତ ସାହୁ(ସମ୍ପାଦକ), ଶଙ୍କର୍ଷଣ ବିଶ୍ୱାଳ, ନନ୍ଦକିଶୋର ସାହୁ, ଗୋବିନ୍ଦ ସାହୁ, ରାଜକିଶୋର ପାଢୀ, ଯଦୁନାଥ ତ୍ରିପାଠୀ, ବିଶ୍ୱମ୍ଭର ପାଢୀ, କୁନଚନ୍ଦ୍ର ପାଢୀ ଏବଂ ମା' ମଙ୍ଗଳା ଯଜ୍ଞୋତ୍ସବର ମୁଖ୍ୟ ଆୟୋଜକ ହରିଗୋସାଇଁ ସମ୍ପର୍କ ସ୍ୱେଚ୍ଛାସେବୀ ସଂଗଠନର ସଭାପତି ହୃଷୀକେଶ ମହଲା, ସମ୍ପାଦକ ସୁଧାଂଶୁ ପାଢୀ ଏବଂ ଭିକିପୁର ଗ୍ରାମର ସମସ୍ତ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି।



ପଣ୍ଡିତମାନେ କଳସଯାତ୍ରା ମାଧମରେ ଗ୍ରାମ ପରିକ୍ରମା କରୁଛନ୍ତି।

### ପଞ୍ଚମୁଖୀ ହନୁମାନ ମନ୍ଦିର ଷଷ୍ଠ ବାର୍ଷିକୋତ୍ସବ

**ଧର୍ମଶାଳା,୭।୫(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଶଙ୍ଖାରିଡିହଠାରେ ହନୁମାନଜୀଙ୍କ ଷଷ୍ଠ ବାର୍ଷିକୋତ୍ସବ ପଞ୍ଚମୁଖୀ ହନୁମାନ ମନ୍ଦିର କମିଟି ପକ୍ଷରୁ ମଙ୍ଗଳବାର ଅକ୍ଷୟତୃତୀୟା ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ହନୁମାନ ଚାଳିଶା ସହ ସୁନ୍ଦରାକାଣ୍ଡ ପାଠ କରାଯାଇଥିଲା। ବାବା ରାଘବ ଦାଶ ସୁନ୍ଦରାକାଣ୍ଡ ପାଠ କରିଥିଲେ। ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ପ୍ରାଧ୍ୟାପକ ଚିତ୍ତରଞ୍ଜନ ତ୍ରିପାଠୀ ପ୍ରବଚନ ପ୍ରଦାନ କରିଥିଲେ। କମିଟି ପକ୍ଷରୁ ସଭାପତି ଅଶୋକ ସେନାପତି, ସମ୍ପାଦକ ପ୍ରଦୀପ କୁମାର ବରାଳ, ଡା. ବିଜୟ କୁମାର ଶତପଥୀ, ଅର୍ଜୁନ ଚରଣ ସାହୁ, କାହ୍ନୁ ଚରଣ ଦାଶ, ଜ୍ୟୋତିନ୍ଦ୍ର ଷଡଙ୍ଗୀ, ଧନେଶ୍ୱର ମହାନ୍ତି ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।




# ଟଙ୍କା, ତେଲ ପାଇଁ ରାଜଧାନୀବାସୀ ପାରାଦୀପ ମୁହାଁ

**ପାରାଦୀପ,୭।୫(ସ୍ୱ.ପ୍ର.)**

ବାତ୍ୟା ଫନୀ ଅଧା ଓଡ଼ିଶାକୁ କ୍ଷତି ଘଟାଇଛି। ଏଥିସହିତ ସବୁଠାରୁ ବଡ଼ କ୍ଷତି କଟକ, ଭୁବନେଶ୍ୱର ଓ ପୁରୀରେ ହୋଇଛି। ରାଜଧାନୀ ଭୁବନେଶ୍ୱରବାସୀ ଏବେ ପାଣି, ତେଲ ଓ ନଗଦ ଟଙ୍କା ପାଇଁ ଡହଳ ବିକଳ ହେଉଛନ୍ତି। ଯେଉଁମାନେ ଗାଁ ଛାଡି ରାଜଧାନୀରେ ବସବାସ କରୁଥିଲେ ସେମାନେ ଏବେ ଗାଁମୁହାଁ । ଏହି ବାତ୍ୟା ଯଦିଓ ପାରାଦୀପରେ ପ୍ରଭୂତ କ୍ଷତି କରିଛି କିନ୍ତୁ ବିଦ୍ୟୁତ୍ ସରବରାହ ଯୋଗୁ ବ୍ୟାଙ୍କ କାରବାର, ଇଣ୍ଟରନେଟ୍ ସୁବିଧା ଓ ପର୍ଯ୍ୟାପ୍ତ ପରିମାଣର ତେଲ ମିଳି ପାରୁଛି। ପାରାଦୀପର ସ୍ୱାଭାବିକ ବ୍ୟବସ୍ଥା ଏବେ ରାଜଧାନୀବାସୀଙ୍କୁ ଟାଣି ଆଣିଛି। ଅଧିକାଂଶ ଲୋକ ଟଙ୍କା ଓ ତେଲ ପାଇଁ ପାରାଦୀପ ଆସୁଛନ୍ତି। ଅନ୍ୟପକ୍ଷରେ ପାରାଦୀପର ଅଧିକାଂଶ ଅଫିସର ସେମାନଙ୍କ ପରିବାରକୁ ରାଜଧାନୀରେ ଛାଡିଥିଲେ। ଉଚ୍ଚ ଶିକ୍ଷା ପାଇଁ ରାଜଧାନୀରେ ଅଧିକ ସୁବିଧା ଥିବାରୁ ସେହି ଅଫିସରମାନେ ପାରାଦୀପରେ ଏକା ରହି ପିଲାଙ୍କ ପାଠ ପଢ଼ା ପାଇଁ ପରିବାରକୁ ରାଜଧାନରେ ଛାଡ଼ିଥିଲେ। ସମ୍ପ୍ରତି ବାତ୍ୟା ପରର ଦୁଃଖ ଯୋଗୁ ସେହି ପରିବାର ଓ ପଢୁଥିବା ଛାତ୍ରୀଛାତ୍ର ପୁଣି ପାରାଦୀପ ଫେରିଛନ୍ତି। ଆଉ କେତେକ ଛୋଟ ପିଲାଙ୍କୁ ଧରି ଆତ୍ମୀୟ ସ୍ୱଜନଙ୍କ ଘରେ ଆସି ରହୁଛନ୍ତି। ପାରାଦୀପରେ ରହୁଥିବା ଅନ୍ତେବାସୀଙ୍କ ଘରେ ଏବେ ବାତ୍ୟା ଆଶ୍ରିତ ଅତିଥିଙ୍କ ଭିଡ଼ ଦେଖିବାକୁ ମିଳୁଛି। ଯେଉଁ ସ୍ୱାର୍ଥ ପାଇଁ ଲୋକେ ସ୍ମାର୍ଟ ସହର ଅଭିମୁଖେ ଯାଉଥିଲେ ସେମାନେ ନିଜର ମାନ ସ୍ୱାଭିମାନକୁ ପଛରେ ପକାଇ ପୁଣି ସମ୍ପର୍କୀୟଙ୍କ ସହ ଯୋଡି ହେଉଛନ୍ତି। ଦୀର୍ଘ ୨୦ ବର୍ଷ ପରେ ଘଟିଥିବା ପ୍ରକୃତିର ତାଣ୍ଡବ ପୁଣି କାହିଁ କେତେବର୍ଷ ପଛକୁ ଟାଣି ନେଇଛି।

**ଫନୀ ପ୍ରଭାବ**

# ଯୁବକଙ୍କ ଆତ୍ମହତ୍ୟା

**ପାରାଦୀପ,୭।୫(ସ୍ୱ.ପ୍ର.):** ପାରାଦୀପ ଜଟାଧାର ମୁହାଣ ସାମୁଦ୍ରିକ ଥାନା ଅନ୍ତର୍ଗତ ଷଣ୍ଢକୁଦ ବସ୍ତିରେ ସୋମବାର ଜଣେ ଯୁବକ ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପ୍ରେମ ଜନିତ କାରଣରୁ ସେ ମାନସିକ ଭାରସାମ୍ୟ ହରାଇ ଏପରି କରିଥିବା ପୋଲିସ କହିଛି। ମୃତକ ହେଲେ ସେହି ବସ୍ତିର ବିଶ୍ୱରଞ୍ଜନ ପରମାଣିକଙ୍କ ପୁତ୍ର ବଳିଆ (୨୩)। ଏ ନେଇ ଥାନାରେ ନଂ–୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବଳିଆ ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ସମ୍ପୃକ୍ତା ଯୁବତୀଙ୍କ ଅନ୍ୟ ସ୍ଥାନରେ ବିବାହ ସ୍ଥିର ହେବାରୁ ସେ ଏପରି କରିଥିବା ଥାନାଧିକାରୀ ଭାରତ ବେହେରା କହିଛନ୍ତି।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ



ଯେଉଁ ଘରେ ସୁଲକ୍ଷଣା ନାରୀ ବାସ କରେ, ସେହି ଘରେ ଲକ୍ଷ୍ମୀ ରହନ୍ତି। କୋଟି କୋଟି ଦେବତା ମଧ ସେହି ଘରକୁ ତ୍ୟାଗ କରନ୍ତି ନାହିଁ।
- ମହର୍ଷି ଗର୍ଗ



## ସଂକ୍ଷେପରେ

### ଗୋକୁଳାନନ୍ଦ ଜୀଉଙ୍କ ଦହିପଖାଳ ନୀତି ଆରମ୍ଭ



**ଖଣ୍ଡପଡା,୭।୫(ସ୍ୱ.ପ୍ର.):** ମଙ୍ଗଳବାର ପବିତ୍ର ଅକ୍ଷୟ ତୃତୀୟାରେ ସିଧାମୂଳା ପଞ୍ଚାୟତର ଗୋକୁଳାନନ୍ଦ ଜୀଉଙ୍କ ଦହିପଖାଳ ନୀତି ଆରମ୍ଭ ହୋଇଛି। ସୂଚନାଯୋଗ୍ୟ ଯେ, ଓଡିଆ ନବବର୍ଷର ପ୍ରଥମ ପର୍ବ ଭାବରେ ଅକ୍ଷୟ ତୃତୀୟା ପର୍ବ ଆରମ୍ଭ ହୋଇଛି। ଗୋକୁଳାନନ୍ଦ ଜୀଉ, ମହାବୀର ଓ ଆଖଣ୍ଡଳମଣିଙ୍କୁ ପ୍ରାତଃ ସମୟରେ କ୍ଷୀର, ମହୁ ଓ ଦହିରେ ସ୍ନାନ କରାଯାଇ ହୋମଯଜ୍ଞ ଓ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ସେହିପରି ନୀଳମାଧବ ମନ୍ଦିର ମା' ଶ୍ମଶାନଚଣ୍ଡୀ ପୀଠରେ ଠାକୁରାଣୀଙ୍କ ନିକଟରେ ହୋମଯଜ୍ଞ ସହ ପାରମ୍ପରିକ ପୂଜାବିଧି ମନ୍ଦିର ପରିଚାଳକ ସଚ୍ଚିଦାନନ୍ଦ ଦାଶଙ୍କ ଦ୍ୱାରା ପରିଚାଳନା କରାଯାଇଛି।

### କୃଷକ ସମାବେଶ

**ଦଶପଲ୍ଲା,୭।୫(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ କୁଜାମେଣ୍ଡି ପଞ୍ଚାୟତ ପୀତାବଳୀ ପୀଠ ଠାରେ ପଞ୍ଚାୟତ ସ୍ତରୀୟ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସନ୍ତୋଷ କହଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚାଷ ଓ ଚାଷୀଙ୍କ ବିକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ପଞ୍ଚାୟତ ସ୍ତରୀୟ ଏକ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଶନିଶ୍ଚର ଜାନୀ, ଉପ ସଭାପତି କୀର୍ତ୍ତନ୍ୟ ମହାଳିକ, ସମ୍ପାଦକ ଅବଧାନ କହଁର, ଯୁଗ୍ମ ସମ୍ପାଦକ ଭାବେ ନକୁଳ ପ୍ରଧାନ ମନୋନୀତ ହୋଇଛନ୍ତି।

### ଭାଗବତ ସପ୍ତାଙ୍ଗ ପାରାୟଣ ଉଦ୍‌ଯାପିତ



**ଗଣିଆ,୭।୫(ଡି.ଏନ.ଏ.):** ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ଈଶ୍ୱରପୁର ଗ୍ରାମରେ ୭ଦିନ ଧରି ଚାଲିଥିବା ୫ମ ବାର୍ଷିକ ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ପାରାୟଣ ମଙ୍ଗଳବାର ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଯାଇଛି। ଗତ ମଙ୍ଗଳବାର ଶୁଭାଧିବାସ ସହ ମହାନଦୀରୁ ୧୦୮ ଘଟ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ସୂର୍ଯ୍ୟପୂଜା, ବିଶ୍ୱଶାନ୍ତି ଘୃତଯଜ୍ଞ, ଗୋ ସେବା ସନ୍ଧ୍ୟାରେ ପ୍ରବଚକ ଗଣେଶ୍ୱର ସ୍ୱାଇଁ, ପ୍ରଶାନ୍ତ କୁମାର ଚାନ୍ଦ ଓ ନାରାୟଣ ବେହେରାଙ୍କ ଦ୍ୱାରା ଶ୍ରୀମଦ୍ ଭାଗବତ ତତ୍ତ୍ୱଜ୍ଞାନ ଚର୍ଚ୍ଚା ହୋଇଥିଲା। କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା କୁନି କୁନି ପିଲାମାନଙ୍କୁ ରାଧାକୃଷ୍ଣ ବେଶରେ ସୁସଜ୍ଜିତ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ସପ୍ତାଙ୍ଗରେ ବ୍ୟାସ ଭାବେ ଗିରୀଶ ଚନ୍ଦ୍ର ଶତପଥୀ, ଶ୍ୱେତ ମିଶ୍ର ଯୋଗଦେଇଥିଲେ।

■ ଫନୀ ତାଣ୍ଡବର ୪ ଦିନ ବିତିଲା

# ଆକଳନ ହୋଇପାରିଲାନି କ୍ଷୟକ୍ଷତି

**ନୟାଗଡ଼ ଅଫିସ/ରଣପୁର (ସ୍ୱ.ପ୍ର.),୭।୫**



ଫନୀରେ ଜଣେ ବିପନ୍ନଙ୍କ ଘର ଭାଙ୍ଗିଯାଇଛି ।



ବାତ୍ୟା ପରେ ରଣପୁର ବଜାରର ଦୃଶ୍ୟ।

■ଲୋକଙ୍କ ପାଖରେ ପହଞ୍ଚି ପାରିଲାନି ସହାୟତା

■ଏନ୍‌ଏସି ସମେତ ୩୦ ପଞ୍ଚାୟତର ଲୋକମାନେ ପାଣି ପାଇଁ ଡହଳବିକଳ

ନୟାଗଡ଼ ଜିଲାର ୮ ବ୍ଲକ ମଧ୍ୟରୁ ରଣପୁର ବ୍ଲକରେ ସାମୁଦ୍ରିକ ଝଡ଼ ଫନୀ ଅଧିକା କ୍ଷୟକ୍ଷତି କରିଛି। ରଣପୁର ଏନ୍‌ଏସି ସମେତ ବ୍ଲକର ୩୭ ପଞ୍ଚାୟତର ଲୋକମାନେ ଏହାର ପ୍ରଭାବରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କାହାର ଘର ଭାଙ୍ଗିଯାଇଛି ତ ଆଉ କାହାର ଘର ଉପରେ ଗଛ ପଡ଼ିରହିଛି। ୪ ଦିନ ବିତି ଯାଇଥିଲେ ମଧ ଏ ପର୍ଯ୍ୟନ୍ତ ପ୍ରଶାସନ କ୍ଷୟକ୍ଷତିର ଆକଳନ କରିପାରି ନାହିଁ । ଜରିପାଲ ଖଣ୍ଡିଏ ଛାଡ଼ିଦେଲେ ଏ ପର୍ଯ୍ୟନ୍ତ ଲୋକଙ୍କ ପାଖରେ ଅନ୍ୟ କୌଣସି ସହାୟତା ମିଳିନାହିଁ। ସେହିଭଳି ଘଟଣାସ୍ଥଳକୁ କୌଣସି ଅଧିକାରୀ ଯାଉ ନ ଥିବା ଭଳି ଗୁରୁତର ଅଭିଯୋଗ ମଧ ହେଉଛି। ୩୭ ପଞ୍ଚାୟତରୁ ଏନ୍‌ଏସି ସମେତ ୩୦ ପଞ୍ଚାୟତର ଲୋକମାନେ ବିଶୁଦ୍ଧ ପାନୀୟ ଜଳ ଟୋପାଏ ପାଇବା ପାଇଁ ଡହଳବିକଳ ହେଉଛନ୍ତି। ବାଧହୋଇ କୂଅଠାରୁ ଆରମ୍ଭକରି ପୋଖରୀ ଗାଡ଼ିଆର ପ୍ରଦୂଷିତ ପାଣି ପିଉଛନ୍ତି। ବନ୍ଧମୁଣ୍ଡା, ଚମ୍ପାଗଡ଼, ପଟିଆ, ଜରିପଡ଼ା ଆଦି ଆଦିବାସୀ ପଞ୍ଚାୟତ ବହୁଳ ଗ୍ରାମର ଲୋକମାନଙ୍କର ମେରୁଦଣ୍ଡ ଭାଙ୍ଗିଦେଇଛି ଫନୀ। ଚାଳଘର ସବୁ ନଷ୍ଟ ହୋଇଯାଇଥିବା ବେଳେ ଜମିରେ ପାଣି ପଶି ସମସ୍ତ ଫସଲକୁ ନଷ୍ଟ କରିଦେଇଛି। ବାତ୍ୟାର ୪ ଦିନ ବିତିଲା ହେଲେ କୌଣସି ପ୍ରଶାସନିକ ଅଧିକାରୀଙ୍କ ପାଦ ଗ୍ରାମରେ ପଡ଼ିନାହିଁ। ଏ ପର୍ଯ୍ୟନ୍ତ କ୍ଷୟକ୍ଷତି ଆକଳନ କରିବା ପାଇଁ ଆରଆଇଙ୍କ ମଧ ଦେଖା ମିଳିନାହିଁ। ଏ ନେଇ ରଣପୁର ତହସିଲଦାର ସୁଶାନ୍ତ କୁମାର ପତିଙ୍କୁ ପଚାରିବାରୁ ସେ କୁହନ୍ତି ଆରଆଇମାନେ ଗ୍ରାମ ଗ୍ରାମ ବୁଲି କ୍ଷୟକ୍ଷତି ଆକଳନ କରିବା ସହ ପଲିଥିନ୍ ଓ ବିଭିନ୍ନ ରିଲିଫ ସାମଗ୍ରୀ ପ୍ରଦାନ କରୁଥିବା କହିଥିଲେ। ପୂର୍ବରୁ ୨ ତାରିଖ ରାତିରେ ରଣପୁର ଏନ୍‌ଏସି ଅଞ୍ଚଳର ବିଭିନ୍ନ ଆଶ୍ରୟସ୍ଥଳୀରେ ଲୋକଙ୍କୁ ରଖାଯାଇଥିଲେ ମଧ ଦୁଇ ଦିନ ଧରି ତାଙ୍କୁ କୌଣସି ରନ୍ଧା ଖାଦ୍ୟ ପ୍ରଦାନ କରାଯାଇ ନ ଥିଲା। ନିଜ ଘରୁ ନେଇଥିବା ଖାଦ୍ୟ ସବୁ ଖାଇଥିବା ଓ ପରେ ଭୋକ ଉପାସରେ ରହିଥିବାରୁ ସେମାନଙ୍କ ମନରେ ଅସନ୍ତୋଷ ଦେଖାଦେଇଥିଲା। ୨ତାରିଖ ସନ୍ଧ୍ୟାରେ ରଣପୁର ବ୍ଲକ ଚାନ୍ଦପୁର ଆରଆଇ ଅନିଲ କୁମାର ପ୍ରଧାନ ବାତ୍ୟା କ୍ଷୟକ୍ଷତି ପାଇଁ ବିପନ୍ନମାନଙ୍କୁ ତହସିଲ ପକ୍ଷରୁ ଦିଆଯାଇଥିବା ୧୫୦ରୁ ୨୦୦ ପଲିଥିନ୍‌କୁ ଚାନ୍ଦପୁର, କନ୍ଧ ନୟାଗଡ଼ ଅଞ୍ଚଳର କେତେକ ସ୍ୱଚ୍ଛଳଧାରୀ ଲୋକଙ୍କୁ ବଣ୍ଟନ କରି ଦେଇଥିବା ଅଭିଯୋଗ ହୋଇଥିଲା। ଏପରିକି ଯାହା ଘରେ ୪ଟି ଆଧାର କାର୍ଡ଼ ଥିଲା ସେମାନଙ୍କୁ ୪ଟି ଜରିପାଲ ପ୍ରଦାନ କରାଯାଇଥିଲା। ୩ତାରିଖ ସନ୍ଧ୍ୟାରେ ବିପନ୍ନ ଲୋକମାନେ ଜରିପାଲ ପାଇଁ ଯାଇଥିବାରୁ ଆରଆଇ ଆଉ ଜରି ପାଲ ଦେଇ ପାରି ନ ଥିଲେ। ଏହାକୁ ନେଇ ଉତ୍ତେଜନା ଦେଖା ଦେବା ସହିତ ଲୋକମାନେ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ରଣପୁର ତହସିଲଦାର ସୁଶାନ୍ତ କୁମାର ପତି ଆରଆଇ ଅନିଲଙ୍କୁ ସେଠାରୁ ବଦଳି କରିଥିଲେ। ଅନ୍ୟପକ୍ଷେ ବିପଦ ସମୟରେ ରଣପୁର ନିର୍ବାଚନମଣ୍ଡଳୀ ପାଇଁ ବିଜେଡିରୁ ପ୍ରାର୍ଥୀ ହୋଇଥିବା ସତ୍ୟନାରାୟଣ ପ୍ରଧାନଙ୍କ ବ୍ୟତୀତ ଅନ୍ୟ କେଉଁ ପ୍ରାର୍ଥୀଙ୍କ ଦେଖାଦର୍ଶନ ମିଳୁନାହିଁ। ସତ୍ୟନାରାୟଣ କ୍ଷତିଗ୍ରସ୍ତ ଗ୍ରାମକୁ ଯାଇ ଲୋକଙ୍କ ଦୁଃଖଦୁର୍ଦ୍ଦଶା ବୁଝୁଥିବା ଦେଖିବାକୁ ମିଳୁଛି। ସେ କୁହନ୍ତି ରଣପୁର ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ କିମ୍ବା କର୍ମଚାରୀ କ୍ଷତିଗ୍ରସ୍ତ ଗ୍ରାମକୁ ଯାଉନାହାନ୍ତି। ପାନୀୟ ଜଳ ସମସ୍ୟା ଏବଂ ଖାଦ୍ୟସାମଗ୍ରୀ ନ ମିଳିବା ଯୋଗୁ ଲୋକମାନେ ହଇରାଣ ହେଉଥିବା ସେ ପ୍ରକାଶ କରିଥିଲେ। ରଣପୁର ବ୍ଲକକୁ ସଂଯୋଗ କରୁଥିବା ରାସ୍ତାରେ ବିଦ୍ୟୁତ ତାର ଓ ଖୁଣ୍ଟଗୁଡ଼ିକ ପଡ଼ିଥିବାରୁ ବିଦ୍ୟୁତ ସଂଯୋଗ ହୋଇପାରି ନାହିଁ। ରଣପୁର ବ୍ଲକ ସଦରମହକୁମାର କିଛି ସ୍ଥାନକୁ ଛାଡ଼ିଦେଲେ ଅନ୍ୟ ସ୍ଥାନରେ ବିଦ୍ୟୁତ୍ ସରବରାହ ଠପ୍ ହୋଇପଡ଼ିଛି। ଫଳରେ ଲୋକମାନେ ଦିନରେ ଗୁଳୁଗୁଳିରେ ସିଝୁଥିବା ବେଳେ ଅନ୍ଧାରରେ ରାତି କଟାଉଛନ୍ତି। ପ୍ରଶାସନ ପକ୍ଷରୁ ବିପନ୍ନମାନଙ୍କୁ କ୍ଷୟକ୍ଷତି ଆକଳନ କରି ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି। ନୟାଗଡ଼ ଜିଲାପାଳ ଡା. ଏନ୍. ତିରୁମାଲା ନାୟକ କୁହନ୍ତି ବୁଧବାର କ୍ଷୟକ୍ଷତିର ରିପୋର୍ଟ ଆସିବ। ରଣପୁର ବ୍ଲକରେ ଲୋକଙ୍କୁ ଜରିପାଲ ବଣ୍ଟନ କରାଯାଇଛି । ବିଦ୍ୟୁତ ସଂଯୋଗ ଓ ପାନୀୟ ଜଳ ଯୋଗାଣ କରାଯାଇଥିବା ନେଇ ମଧ ସେ ସୂଚନା ଦେଇଥିଲେ।

## କୋର୍ଟ ନିର୍ଦ୍ଦେଶରେ ପଦ ହରାଇଲେ ସରପଞ୍ଚ

**ଖଣ୍ଡପଡା,୭।୫(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଶିଖରପୁର ପଞ୍ଚାୟତର ସରପଞ୍ଚ ନବକିଶୋର ସାହୁ ଅଦାଲତଙ୍କ ନିର୍ଦ୍ଦେଶ ବଳରେ ପଦବୀ ହରାଇଛନ୍ତି। ଏହି ପଞ୍ଚାୟତର ସରପଞ୍ଚ ଭାବେ ଭିକାରୀ ଚରଣ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରିବାକୁ ଅଦାଲତ ନୟାଗଡ଼ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଶିଖରପୁର ସରପଞ୍ଚ ପଦବୀ ପାଇଁ ୨୦୧୭ ଫେବୃୟାରୀ ୨୧ ତାରିଖରେ ୩ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ମୁଖ୍ୟତଃ ଶିଖରପୁର ଗ୍ରାମର ଭିକାରୀ ଚରଣ ସାହୁ ଓ ନବକିଶୋର ସାହୁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ନିର୍ବାଚନରେ ଭିକାରୀ ୧୨୪୮ ଖଣ୍ଡ ଭୋଟ ପାଇଥିବାବେଳେ ନବକିଶୋର ୧୨୩୫ ଖଣ୍ଡ ଭୋଟ ପାଇଥିଲେ । ଫଳରେ ୧୩ଖଣ୍ଡ ଭୋଟ ବ୍ୟବଧାନରେ ଭିକାରୀ ବିଜୟୀ ହୋଇଥିଲେ। ମାତ୍ର ନବକିଶୋର ଏହି ଫଳାଫଳକୁ ଗ୍ରହଣ ନ କରି ପୁନର୍ବାର ଭୋଟ ଗଣତି କରିବାକୁ ଦାବି କରିଥିଲେ। ନିର୍ବାଚନ ଅଧିକାରୀ ତଥା ତତ୍କାଳୀନ ଖଣ୍ଡପଡା ବ୍ଲକ କର୍ତ୍ତୃପକ୍ଷ ପୁନର୍ବାର ଭୋଟ ଗଣତି କରିଥିଲେ। ଏଥିରେ ନବକିଶୋର ୮୪ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ ଘୋଷଣା କରିଥିଲେ। ହେଲେ ଏହାକୁ ଚ୍ୟାଲେଞ୍ଜ କରି ଭିକାରୀ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଭିକାରୀଙ୍କ ଆବେଦନକୁ ବିଚାରକୁ ନେଇଥିଲେ। ନିର୍ବାଚନ ସମ୍ପର୍କିତ ସମସ୍ତ ସୂଚନା ଓ ତଥ୍ୟକୁ ଆଧାର କରି ଖଣ୍ଡପଡ଼ା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମନସ୍ୱିନୀ ରଥ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଭିକାରୀଙ୍କ ପକ୍ଷରୁ ଆଇନଜୀବୀ ଜେ. ବି. ପଣ୍ଡା ମାମଲା ପରିଚାଳନା କରୁଥିଲେ।

■ ପୋଖରୀ ଦୁରବସ୍ଥା ଯୋଗୁ ଚନ୍ଦନଯାତ୍ରା ବନ୍ଦ

# ମନ୍ଦିରରେ ଠାକୁରଙ୍କ ନୀତି ସମ୍ପନ୍ନ

**ଖଣ୍ଡପଡ଼ା,୭।୫(ସ୍ୱ.ପ୍ର.)**



ଚନ୍ଦନ ନୀତି ସମ୍ପନ୍ନ ପାଇଁ ଠାକୁରଙ୍କୁ ବିଜେ କରାଯାଉଛି।

ପବିତ୍ର ଅକ୍ଷୟ ତୃତୀୟାଠାରୁ ଶ୍ରୀ ନୀଳମାଧବ ଜୀଉଙ୍କ ଚନ୍ଦନ ଚାପ (ଯାତ୍ରା) ବହୁବର୍ଷ ଧରି ଚାଲିଆସୁଥିବା ବେଳେ ଚଳିତବର୍ଷ ଚନ୍ଦନ ପୋଖରୀର ଦୁରବସ୍ଥା ଯୋଗୁ ଏହା ବନ୍ଦ ରହିଛି। ଠାକୁର ଜଳକ୍ରୀଡା ପାଇଁ କଣ୍ଟିଲୋ ଯାତ୍ରାପଦା ବଜାର ନିକଟ ଚନ୍ଦନ ପୁଷ୍କରିଣୀକୁ ବିଜେ ନ ହୋଇ ନୀଳମାଧବ ଜୀଉଙ୍କ ସିଂହଦ୍ୱାରସ୍ଥ ରାସସ୍ଥଳୀରେ ନୀତି ସମ୍ପନ୍ନ କରାଯାଇଛି। ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ନୀଳମାଧବ ଜୀଉଙ୍କ ମୁଖ୍ୟପର୍ବ ମଧ୍ୟରେ ପବିତ୍ର ଅକ୍ଷୟ ତୃତୀୟାଠାରୁ ୨୧ଦିନ ବ୍ୟାପୀ ଚନ୍ଦନ ଯାତ୍ରା ଅନ୍ୟତମ। ଚନ୍ଦନ ପୁଷ୍କରିଣୀରେ ଏହି ପରମ୍ପରା ପାଳିତ ହେଉଥିବାବେଳେ ଚଳିତବର୍ଷ ପୋଖରୀର ଦୁରବସ୍ଥା ଯୋଗୁ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଦୀର୍ଘବର୍ଷ ହେଲା ପୋଖରୀର ପୁନରୁଦ୍ଧାର ପାଇଁ ଦାବି ହୋଇଆସୁଥିଲେ ମଧ ତାହା କାର୍ଯ୍ୟକାରୀ ହୋଇପାରୁନି । ଚଳିତବର୍ଷ ଏହି କାର୍ଯ୍ୟ ପାଇଁ ୯ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ସୁଦ୍ଧା ବିଳମ୍ବ ଯୋଗୁ ପୋଖରୀ ମଧ୍ୟରେ ଠାକୁରଙ୍କ ଚାପ ଖେଳିବା ଅସମ୍ଭବ ହୋଇପଡିଛି। ମାତ୍ର ଦେବୋତ୍ତର ବିଭାଗ ପରମ୍ପରାକୁ ଚାଲୁ ରଖିବା ଛଳରେ ଯେନତେନ ପ୍ରକାରେ ଏହି କାର୍ଯ୍ୟ ସମ୍ପାଦନ କରିଛି । ଠାକୁରଙ୍କ ଚନ୍ଦନ ନୀତି ମନ୍ଦିର ମଧ୍ୟରେ ବିଧି ବ୍ୟବସ୍ଥା କ୍ରମେ ସେବାୟତମାନଙ୍କ ସହଯୋଗରେ କରାଯାଇଛି। ହେଲେ ଆଉ ୧୧ଦିନ ପରେ ହେବାକୁ ଥିବା ଠାକୁରଙ୍କ ଚାଚେରି ଭୋଗଖିଆ ପରମ୍ପରା ହେବ କି ନାହିଁ ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେବେ ସେବାୟତ, ଦେବୋତ୍ତର ବିଭାଗ ସହ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଆନ୍ତରିକତା ରହିଲେ ଠାକୁରଙ୍କ ଚାଚେରି ନୀତି ସମ୍ପନ୍ନ ହେବାରେ ସମସ୍ୟା ଉପୁଜିବ ନାହିଁ ବୋଲି ଅନେକ ଶ୍ରଦ୍ଧାଳୁ ମତପ୍ରକାଶ କରିଛନ୍ତି।

## ଅଖିମୁଠି ଅନୁକୂଳ କରିପାରିଲେନି ଚାଷୀ

**ରଣପୁର,୭।୫ (ସ୍ୱ.ପ୍ର.)**

ପ୍ରତିବର୍ଷ ଅକ୍ଷୟ ତୃତୀୟାରେ ଚାଷୀମାନେ ଆନନ୍ଦ ଉଲ୍ଲାସର ସହ ଅଖିମୁଠି ଅନୁକୂଳ ବା ମୁଠି ଛୁଆଁ ପର୍ବ ପାଳନ କରିଥାନ୍ତି। ସରକାରଙ୍କ ପକ୍ଷରୁ ଏହାକୁ କୃଷକ ଦିବସ ରୂପେ ପାଳନ କରାଯାଉଥିଲା ବେଳେ ଚଳିତବର୍ଷ ନୟାଗଡ଼ ଜିଲା ରଣପୁର ବ୍ଲକ ଓ ଏନ୍‌ଏସିରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ୫ଦିନ ତଳେ ବାତ୍ୟା ଫନୀ ଆସି ରଣପୁର ଓ ଏହାର ଆଖପାଖ ଅଞ୍ଚଳ ଛାରଖାର କରିଦେଇଛି। ଚାଷଜମିରେ ଆଣ୍ଠୁଏ ଲେଖାଏ ଜଳ ଭର୍ତ୍ତିହୋଇ ରହିଥିବାରୁ ଚାଷୀମାନେ ବିଲରେ ଅଖିମୁଠି ବୁଣି ଚାଷ ଅନୁକୂଳ କରିପାରିନାହାନ୍ତି। ବିଧି ଅନୁଯାୟୀ ଅକ୍ଷୟ ତୃତୀୟାରେ ଚାଷୀମାନେ ପୂଜାର୍ଚ୍ଚନା କରିବିହନ ବୁଣିବାର ନିୟମ ରହିଥିଲା ବେଳେ ରଣପୁରର କିଛି ଜାଗାରେ ଏହାର ବ୍ୟତିକ୍ରମ ଦେଖାଦେଇଛି । କୃଷି ବିଭାଗ ତରଫରୁ ବିହନ ବଣ୍ଟାଯାଇ ନ ଥିବାରୁ ସେମାନେ ଜମିରେ ଅଖିମୁଠି ଅନୁକୂଳ କରିପାରି ନ ଥିଲେ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ରଣପୁର ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ୨୧ ହଜାର ୭୨୮ ହେକ୍ଟର ଚାଷଜମି ଥିଲାବେଳେ ୧୭ ହଜାର ୧୧୫ ହେକ୍ଟର ଜମିରେ ଧାନଚାଷ କରାଯାଏ।

## ମର୍ଦ୍ଦରାଜପୁର: ଆରମ୍ଭ ହେଲା ରଥ ନିର୍ମାଣ

**ଖଣ୍ଡପଡା,୭।୫(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ମର୍ଦ୍ଦରାଜପୁର ପଞ୍ଚାୟତସ୍ଥିତ ମୁଣ୍ଡିଆ ହନୁମାନ ପୀଠରେ ବିରାଜିତ ଶ୍ରୀ ଜଗନ୍ନାଥଙ୍କ ରଥ ନିର୍ମାଣ କାର୍ଯ୍ୟ ମଙ୍ଗଳବାର ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଆରମ୍ଭ ହୋଇଛି। ନିକଟସ୍ଥ ଚାଉପଲ୍ଲୀ ମଦନମୋହନ ଜୀଉ, ହରିଚନ୍ଦନପୁର ବୁଢୀଦେଈ ଠାକୁରାଣୀ, ଗିରିଡିପାଟଣା ରାଧାକୃଷ୍ଣ ଜୀଉ, ବାଟମଙ୍ଗଳା, ମୁଣ୍ଡିଆ ହନୁମାନସ୍ଥିତ କନକଦୁର୍ଗା ଓ ଶ୍ରୀଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ଆସି ରଥଖଳାରେ ବିଜେ କରିବା ପରେ ରଥ କାରିଗର ଦେବରାଜ ମହାପାତ୍ର, ପୁରୀରୁ ଆସିଥିବା ପୁରୋହିତ ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ରଥ ନିର୍ମାଣ ଆରମ୍ଭ ହୋଇଥିଲା। ମର୍ଦ୍ଦରାଜପୁର ସରପଞ୍ଚ ତଥା ମୁଣ୍ଡିଆ ହନୁମାନ ପୀଠ ମନ୍ଦିର ପରିଚାଳକ ବୈକୁଣ୍ଠନାଥ ଗୋଚ୍ଛିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଚାଉପଲ୍ଲୀ, ଗିରିଡିପାଟଣା, ମର୍ଦ୍ଦରାଜପୁର ଓ ହରିଚନ୍ଦନପୁର ଆଦି ଗ୍ରାମବାସୀଙ୍କ ସହଯୋଗରେ ନଗର କୀର୍ତ୍ତନ କରାଯାଇ ମନ୍ଦିରରୁ ଆଜ୍ଞାମାଳ ଆସିବା ସମୟରେ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ହରିବୋଲ ହୁଳହୁଳିରେ ଗ୍ରାମଦାଣ୍ଡ କମ୍ପି ଉଠିଥିଲା। ରଥକାଠ ପୂଜାର୍ଚ୍ଚନା ପରେ ସମୂହ ପଣାସେବନ କାର୍ଯ୍ୟକ୍ରମ କରାଯାଇଥିଲା।



ରଥ କାଠ ଅନୁକୂଳ କରାଯାଉଛି।

■ ଶ୍ରୀରଘୁନାଥଜୀଉଙ୍କ ୨୧ ଦିନ ବ୍ୟାପୀ ଚନ୍ଦନଯାତ୍ରା ଆରମ୍ଭ

# ଶ୍ରୀରାମ ସାଗରକୁ ବିଜେକଲେ ଶ୍ରୀଜୀଉ

**ଓଡ଼ଗାଁ,୭।୫(ସ୍ୱ.ପ୍ର.)**

ମଙ୍ଗଳବାର ଅକ୍ଷୟତୃତୀୟାରେ ଓଡ଼ଗାଁରେ ବିଜେ ଶ୍ରୀ ରଘୁନାଥଜୀଉଙ୍କ ପୀଠରେ ୨୧ ଦିନ ବ୍ୟାପୀ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ଏହି ତିଥିରେ ସମସ୍ତ ଦୈନନ୍ଦିନ ନୀତି ସହିତ ମଧ୍ୟାହ୍ନ ଅନ୍ନ ଧୂପ ଅବ୍ୟବହିତ ପୂର୍ବରୁ ଶ୍ରୀଜୀଉଙ୍କ ଆଜ୍ଞାମାଳ ବିଜେ ପ୍ରତିମାଙ୍କୁ ଲାଗି ପରେ ଏକ ସ୍ୱତନ୍ତ୍ର ସୁବାସ ଧୂପ ଅର୍ପଣ କରାଯାଇଥିଲା। ବିଜେ ପ୍ରତିମାଙ୍କୁ ଏକ ଅସ୍ଥାୟୀ ଖଟୁଲିରେ ବିରାଜିତ କରିବା ପରେ ମଧ୍ୟାହ୍ନ ଧୂପ ଓ ଦହି ପଖାଳ ଲାଗି କରାଯାଇ ଦିବା ପହୁଡ ହୋଇଥିଲା। ଅପରାହ୍ନ ସାଢେ ୪ଟାରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମାଙ୍କୁ ମଣି ବିମାନରେ ବିଜେ କରିବା ପରେ ୫ଟାରେ ଶ୍ରୀଜୀଉଙ୍କୁ ଏହି ବିମାନରେ ମନ୍ଦିର ସମ୍ମୁଖରେ ଥିବା ଚାଳ ମଣ୍ଡପକୁ ବିଜେ କରାଇ ଚାଚେରି ଭୋଗ ଲାଗି କରାଯାଇଥିଲା । ପ୍ରଭୁ ଚନ୍ଦନ ଯାତ୍ରାରେ ଶ୍ରୀରାମ ସାଗରକୁ ଯାତ୍ରା କରିବା ଅବ୍ୟବହିତ ପୂର୍ବରୁ ଚାଳି ମଣ୍ଡପ ନିକଟରେ ସର୍ବଦେବଦେବୀଙ୍କୁ ଚନ୍ଦନ ପୋଖରୀକୁ ଯାତ୍ରା କରିବାକୁ ନିମନ୍ତ୍ରଣ କରିଥିଲେ। ଶ୍ରୀଜୀଉଙ୍କ ଏହି ଶୋଭାଯାତ୍ରାରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ହରିନାମ କୀର୍ତ୍ତନ, ଘଣ୍ଟୁଆଙ୍କ ଘଣ୍ଟ ଓ ଛତ୍ରୀ, ତ୍ରାସ ଆଦି ସାମିଲ ହୋଇଥିଲା। ଶ୍ରୀଜୀଉ ସାଗର କୂଳରେ ପହଞ୍ଚିବା ପୂର୍ବରୁ କୈବର୍ତ୍ତ ମଣ୍ଡପ, ଚନ୍ଦନ ବେଦି ମନ୍ଦିର ପରିଚ୍ଛା ହରିବନ୍ଧୁ ଷଡଙ୍ଗୀଙ୍କ ଦ୍ୱାରା ପୂଜାର୍ଚ୍ଚନା ଓ ହୋମାଦି କାର୍ଯ୍ୟ କରାଯାଇ ସୁସଜ୍ଜିତ ଡଙ୍ଗାକୁ ପ୍ରତିଷ୍ଠା କରାଯାଇଥିଲା । କୈବର୍ତ୍ତ ମଣ୍ଡପରେ ପାଲିଆ ପଣ୍ଡା ପ୍ରଫୁଲ କୁମାର ମହାପାତ୍ର ଶ୍ରୀଜୀଉଙ୍କୁ ପୂଜାର୍ଚ୍ଚନା କରିବା ପରେ ଚାପ ଖେଳିବା ନିମନ୍ତେ ଡଙ୍ଗାକୁ ବିଜେ କରାଇଥିଲେ । ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି ଧ୍ୱନି ମଧ୍ୟରେ ଶ୍ରୀଜୀଉ ବିଜେ କରିଥିବା ଡଙ୍ଗାରେ ସାଗର ମଧ୍ୟସ୍ଥ ନୀଳ ଜଳରାଶି ମଧ୍ୟରେ ଚାପ ଖେଳିଥିଲେ। ପ୍ରଥମ ଚାପ ବା ନୌବିହାର ପରେ ଶ୍ରୀଜୀଉମାନେ ସାଗର ମଧ୍ୟସ୍ଥ ଚନ୍ଦନ ଗୃହରେ ଥିବା ଚନ୍ଦନ କୁଣ୍ଡରେ ଘଣ୍ଟାଏ କାଳ ବୁଡି ରହିଥିଲେ । ଚନ୍ଦନ କୁଣ୍ଡରୁ ବାହାରିବା ପରେ ଶ୍ରୀଜୀଉ ପୁଣି ଥରେ ଚାପ ଖେଳରେ ମଜି ରହିଥିଲେ। ରାତି ପ୍ରାୟ ୮ଟାରେ ଶ୍ରୀଜୀଉଙ୍କୁ ସାଗର କୂଳରେ ଥିବା କୈବର୍ତ୍ତ ମଣ୍ଡପରେ ଭୋଗଲାଗି ହେବାପରେ ବିମାନରେ ବିଜେ କରି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶ୍ରୀଜୀଉ ମନ୍ଦିର ପ୍ରତ୍ୟାବର୍ତ୍ତନ ଓ ନଗର ଭ୍ରମଣ କରିବା ଅବସରରେ ବିଭିନ୍ନ ଶ୍ରଦ୍ଧାଳୁଙ୍କ ଦୁଆରେ ଭୋଗଲାଗି କରାଯାଇଥିଲା । ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ରଙ୍କ ସମେତ ପୂଜକ ପରିଷଦ ସଦସ୍ୟ, ମନ୍ଦିର ପରିଚ୍ଛା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମାଙ୍କୁ ଚନ୍ଦନ ଯାତ୍ରା ପାଇଁ ନିଆଯାଉଛି।

■ ଅନୁକୂଳ ହେଲା ଅଖିମୁଠି

# ଚାଷ ପ୍ରତି ଆଗ୍ରହୀ ନୁହନ୍ତି ଚାଷୀ

**ଖଣ୍ଡପଡା,୭।୫(ସ୍ୱ.ପ୍ର.)**



ଅଖିମୁଠି ଅନୁକୂଳ କରାଯାଉଛି।

ଚାଷ ପାଇଁ ଶୁଭ ଅନୁକୂଳ ତିଥି ହେଉଛି ଅକ୍ଷୟ ତୃତୀୟା । ମଙ୍ଗଳବାର ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଖଣ୍ଡପଡା ଅଞ୍ଚଳର ଚାଷୀ ଅଖିମୁଠି ଅନୁକୂଳ କରିଥିବା ଦେଖିବାକୁ ମିଳିଥିଲା। ବିଶେଷକରି ନିଜସ୍ୱ ଚାଷଜମି ଥିବା କୃଷକମାନେ ପ୍ରତ୍ୟୁଷରୁ ନୂତନ ବସ୍ତ୍ର ପରିଧାନ କରି ଓଳିଆରୁ ଶୁକ୍ଳବର୍ଣ୍ଣ ଧାନ ବାହାର କରି ଟୋକେଇରେ ଭର୍ତ୍ତି କରିଥିଲେ । ଧାନ ଉପରେ ନଉତି କିମ୍ବା ମାଣ ରଖି ତାହାକୁ ନୂତନ ବସ୍ତ୍ରରେ ଆଚ୍ଛାଦିତ କରି ଚାଷୀମାନେ ଜମିକୁ ଆସିଥିଲେ। ଅଖିମୁଠି ଅନୁକୂଳ କରିବାକୁ ଆସିଥିବା କଣ୍ଟିଲୋ ଅଞ୍ଚଳର ଚାଷୀ ଗୋକୁଳାନନ୍ଦ ସାହୁ କୁହନ୍ତି, ଆମେ ଧାନ ବିହନ ସହ ଅଷାଢୁଆ ଫଳ, ତାଳ, ଖଜୁରି, ଗଳି ଗୁଆ, ଦୂବ, ବରକୋଳି ପତ୍ର, ନଡିଆ, କଦଳୀ ଆଦି ଭୋଗ ସାମଗ୍ରୀକୁ ଆଣି ଜମିରେ ମା' ଲକ୍ଷ୍ମୀଙ୍କୁ ପୂଜା କରିବା ପରେ ଜମିର ଇଶାଣ କୋଣରେ ଚାଷ ଅନୁକୂଳ କରିଥାଉ। ତେବେ ଆଜିର ଚାଷୀକୁଳ ପରମ୍ପରା ବଞ୍ଚାଇବାକୁ ଯାଇ ଅକ୍ଷୟତୃତୀୟାରେ ନିଜ ଜମିରେ ଅଖିମୁଠି ଅନୁକୂଳ ପାଇଁ ଆସିଥାନ୍ତି। ମାତ୍ର ସାମ୍ପ୍ରତିକ ପରିସ୍ଥିତିରେ କୌଣସି ଚାଷୀ ପରିବାର ଚାଷକାର୍ଯ୍ୟ କରିବାକୁ ଆଗ୍ରହୀ ନୁହନ୍ତି। ବିଶେଷ କରି ସରକାରଙ୍କ ବିଭିନ୍ନ ଯୋଜନା ମଧ୍ୟରୁ ଲୋକମାନଙ୍କୁ ଟଙ୍କିକିଆ ଚାଉଳ ପ୍ରଦାନ ଚାଷୀ ପରିବାରଙ୍କୁ କର୍ମ କୁଣ୍ଡିଆ କରିଦେଇଛି ବୋଲି ସେ କହିଥିଲେ। ସେହିପରି ବଳରାମପ୍ରସାଦ ଗ୍ରାମର ଅନ୍ୟ ଜଣେ ଚାଷୀ ସନାତନ ଲେଙ୍କା କୁହନ୍ତି, ବାପଅଜା ଅମଳରୁ ପରମ୍ପରା ଅନୁସାରେ ଅକ୍ଷୟ ତୃତୀୟାରେ ଅଖିମୁଠି ଅନୁକୂଳ କରୁଛୁ । ମାତ୍ର ଗାଁ ଗହଳିରେ ଆଉ ହଳ ବଳଦ, ଶଗଡ ଦେଖିବାକୁ ମିଳୁନି । ଚାଷ କାର୍ଯ୍ୟ ପାଇଁ ଆଗରୁ ଯେପରି ଉତ୍ସାହ ଥିଲା ଏବେ ତାହା ନାହିଁ। ଫଳରେ ଏବେ ଚାଷୀ ଆଉ ଚାଷକାମ କରିବାକୁ ମଙ୍ଗୁ ନାହାନ୍ତି। ଚାଷଜମି ପଡିଆ ପଡିଲାଣି। ସେହିପରି ପଥରଚକଡା ପଞ୍ଚାୟତସ୍ତରୀୟ ଅଖିମୁଠି ଅନୁକୂଳ ଭାପୁର ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡାଙ୍କ ଅଧ୍ୟକ୍ଷତାରେ ମାଧପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପଥରଚକଡା ସରପଞ୍ଚ ତ୍ରିନାଥ ମୁଦୁଲି, ଭାପୁର ବ୍ଲକ ସହକାରୀ କୃଷି ଅଧିକାରୀ, କୋଅପରେଟିଭ ଡାଇରେକ୍ଟର ବିଜୟ କୁମାର ସାମନ୍ତରାୟଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଚାଷୀ ଉପସ୍ଥିତ ଥିଲେ। ପୌରାଣିକ ତଥ୍ୟ ଅନୁସାରେ ବୈଶାଖ ସଂକ୍ରାନ୍ତିରେ ବ୍ରହ୍ମା ସୃଷ୍ଟି ସର୍ଜନା କରିଥିଲେ। ଏହି ଦିନ ସ୍ୱର୍ଗରୁ ଦେବତାମାନେ ପୃଥିବୀକୁ ଆସି ଜମି କର୍ଷଣ କରି ବିହନ ବୁଣିଥିଲେ। ସ୍ୱୟଂ ଇନ୍ଦ୍ର ହଳ ଧରି ଜମି କର୍ଷଣ କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଜୀବମାନଙ୍କ ପାଇଁ ଖାଦ୍ୟ ଉତ୍ପାଦନ ଧାରା ପ୍ରବର୍ତ୍ତନ କରିବା । ଏଣୁ ଏହି ଦିନ ବୀଜ ବପନ କରିବାର ପରମ୍ପରା ରହିଆସିଛି। ଏହି ପରମ୍ପରା ଚିରକାଳ ପାଇଁ ଅକ୍ଷୟ ରହିବା ପାଇଁ ପର୍ବର ନାମ ଅକ୍ଷୟ ତୃତୀୟା ରଖାଯାଇଥିବା ଜଣାଯାଇଛି ।